# NATIONAL NEWS BULLETIN (ODIA)

## 25 February - 2025

## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ଉନ୍ନତ ଚିକିତ୍ସା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ଗବେଷଣା ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଷ୍ଟ୍ରପତି ।
- ଭାରତୀୟ ତଟରକ୍ଷୀ ବାହିନୀ ଯବାନଙ୍କୁ ୩୨ଟି ତଟରକ୍ଷକ ପଦକ ପ୍ରଦାନ କଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଚଳିତ ଦିଲ୍ଲୀ ବିଧାନସଭା ଅଧିବେଶନରୁ ଆପ୍‌ର ୨୧ ଜଣ ସଦସ୍ୟ ନିଲମ୍ବିତ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ମୁକାବିଲା ବର୍ଷା ଯୋଗୁଁ ବାତିଲ୍ ।

# ପ୍ରେସିଡେଣ୍ଟ-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ଉନ୍ନତ ଚିକିତ୍ସା ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଏବଂ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକରେ ଅଧିକ ଗବେଷଣା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିହାରର ପାଟନା ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଛୋଟ ସହର ଗୁଡ଼ିକରେ ଉନ୍ନତ ଚିକିତ୍ସା ଉପଲବ୍ଧ ହେବା ଜରୁରୀ । ଏହାଦ୍ୱାରା ବଡ଼ ଚିକିତ୍ସା ଅନୁଷ୍ଠାନ ଗୁଡ଼ିକ ଉପରେ ଚାପ ହ୍ରାସ ପାଇବ ।

କୃତ୍ରିମ ବୁଦ୍ଧିମତା ଏବଂ ରୋବଟିକ୍ସ ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି, ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଚିକିତ୍ସା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିପାରିବ । ୫ହଜାର ୪୦୦ ଶଯ୍ୟା ବିଶିଷ୍ଟ ପାଟନା ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌କୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଡାକ୍ତରଖାନା ଭାବେ ବିକଶିତ କରାଯାଉଥିବାରୁ ରାଷ୍ଟ୍ରପତି ସନ୍ତୋଷ ବ୍ୟକ୍ତ କରିଛନ୍ତି । ଗରିବ ଏବଂ ଅସହାୟ ଲୋକଙ୍କୁ ଚିକିତ୍ସା ପ୍ରଦାନ ଲାଗି ରାଷ୍ଟ୍ରପତି ଡାକ୍ତରୀ ସମାଜକୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ବିହାରର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ମୁର୍ମୁ ବିହାର, ମଧ୍ୟପ୍ରଦେଶ ଏବଂ ଗୁଜରାଟକୁ ଆଜିଠାରୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ।

# କୋଷ୍ଟଗାର୍ଡ ଆୱାର୍ଡ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଭାରତୀୟ ତଟରକ୍ଷୀ ବାହିନୀର ଯବାନଙ୍କୁ ବୀରତା, ଉଲ୍ଲେଖନୀୟ ସେବା ଏବଂ ପ୍ରଶଂସନୀୟ ସେବା ପାଇଁ ମୋଟ୍ ୩୨ଟି ପଦକ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସେବା ପାଇଁ ୬ଟି ରାଷ୍ଟ୍ରପତି ତଟରକ୍ଷକ ପଦକ, ସାହସିକତା ପାଇଁ ୧୧ଟି ତଟରକ୍ଷକ ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୧୫ଟି ତଟରକ୍ଷକ ପଦକ ପ୍ରଦାନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ତାଙ୍କ ଅଭିଭାଷଣରେ କହିଛନ୍ତି, ଭାରତୀୟ ତଟରକ୍ଷୀ ବାହିନୀର ଦକ୍ଷତା ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଆସନ୍ତା ଆର୍ଥିକ ବର୍ଷ ବଜେଟ୍‌ରେ ତଟରକ୍ଷୀ ବାହିନୀ ପାଇଁ ୯ ହଜାର ୬୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ପୂର୍ବ ବର୍ଷ ବଜେଟ୍ ତୁଳନାରେ ଏହା ୨୬ ଦଶମିକ୍ ୬ ପ୍ରତିଶତ ଅଧିକ । ତଟରକ୍ଷୀ ବାହିନୀର ଆଧୁନିକୀକରଣ ଦିଗରେ ବଜେଟ୍ ଅର୍ଥ ବରାଦ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । ଭାରତୀୟ ତଟରକ୍ଷୀ ବାହିନୀ ବିଶ୍ୱର ଅନ୍ୟତମ ଦକ୍ଷ ସାମୁଦ୍ରିକ ବାହିନୀ ଭାବେ ମାନ୍ୟତା ପାଇଛି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍‌ଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ ।

# ପୀୟୂଷ ଗୋୟଲ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ନୂଆଦିଲ୍ଲୀ ଠାରେ ଆଜି ଶ୍ରୀ ଗୋୟଲ୍ ବ୍ରିଟେନ୍‌ର ବ୍ୟବସାୟ ଏବଂ ବାଣିଜ୍ୟ ସଚିବ ଜୋନାଥନ ରେନୋଲ୍ଡସ୍‌ଙ୍କ ନେତୃତ୍ୱରେ ଭାରତ ଗସ୍ତରେ ଆସିଥିବା ପ୍ରତିନିଧି ଦଳଙ୍କ ସହ ଆଲୋଚନା ବୈଠକ କରିଥିଲେ । ନିରପେକ୍ଷ, ପାରସ୍ପରିକ ଲାଭଦାୟକ ଓ ସନ୍ତୁଳିତ ମୁକ୍ତ ବାଣିଜ୍ୟ ଚୁକ୍ତିରେ ଉପନୀତ ହେବା ପ୍ରୟାସକୁ ତ୍ୱରାନ୍ୱିତ କରିବା ଦିଗରେ ହୋଇଥିବା ଅଗ୍ରଗତିର ଉଭୟ ପକ୍ଷ ସମୀକ୍ଷା କରିଥିଲେ । ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ଗୋୟଲ ଦୋହରାଇଥିଲେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ବ୍ରିଟେନ୍‌ର ବ୍ୟବସାୟ ଏବଂ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ରେନୋଲ୍ଡସ୍ ନୂତନ ସରକାର ଗଠନ ପରେ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି । ଆଲୋଚନା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ସକାରାତ୍ମକ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ।

**V/O**

# ଅଶ୍ୱିନୀ ବୈଷ୍ଣବ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସାମ ଭାରତର ଅଭିବୃଦ୍ଧିର ନେତୃତ୍ୱ ନେବାର ସମ୍ଭାବନାର ରହିଛି । ସେଠାରେ ଆଞ୍ଚଳିକ ବିକାଶ ଉପରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଆଡ୍‌ଭେଣ୍ଟେଜ୍ ଆସାମ୍ ୨ ଦଶମିକ୍ ୦ ନିବେଶ ଓ ଭିତ୍ତିଭୂମି ଶିଖର ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଜାଗି ରୋଡ୍‌ରେ ଥିବା ସେମିକଣ୍ଡକ୍ଟର ପ୍ଲାଣ୍ଟ ଆସାମକୁ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବ । ଗୁଆହାଟୀ ଠାରେ ରେଳ ଷ୍ଟେସନ୍ ଜମିରେ ଏକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ହବ୍ ବିକଶିତ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । ଦୁଇଟି ନୂତନ ଅମୃତଭାରତ ଟ୍ରେନ୍, ବି.ଟି.ଆର୍. ଅଞ୍ଚଳରେ ଗୋଟିଏ ଟ୍ରେନ୍ କୋଚ୍ ଉତ୍ପାଦନ ୟୁନିଟ୍ ଏବଂ ଲୁଙ୍ଗ୍‌ଡିଙ୍ଗ୍‌ରେ ଗୋଟିଏ ଟ୍ରେନ୍ ଇଞ୍ଜିନ୍ ପୁନଃ ନିର୍ମାଣ ୟୁନିଟ୍ ସ୍ଥାପନ ନେଇ ସରକାର ମଞ୍ଜୁରୀ ପ୍ରଦାନ କରିଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

# ଦିଲ୍ଲୀ-ଆସେମ୍ବ୍ଲି

ଚଳିତ ଦିଲ୍ଲୀ ବିଧାନସଭା ଅଧିବେଶନର ତିନୋଟି ବୈଠକ ପାଇଁ ଆମ୍ ଆଦମୀ ପାର୍ଟିର ୨୧ ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି । ସେମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ, ଗୋପାଳ ରାୟ,

ଇମ୍ରାନ ହୁସେନ ଏବଂ ବିଶେଷ ରବି ପ୍ରମୁଖ ଅଛନ୍ତି । ବିଧାନସଭାରେ ଆଜି ଉପରାଜ୍ୟପାଳ ବିନୟ କୁମାର ସାକସେନାଙ୍କ ଅଭିଭାଷଣ ପ୍ରଦାନ ସମୟରେ ଆପ୍ ବିଧାୟକ ଗୋଷ୍ଠୀଙ୍କ ଅଶାଳୀନ ଆଚରଣ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ।  ସେମାନଙ୍କ ଆଚରଣ ପରିପ୍ରେକ୍ଷୀରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲ୍ଲୀ ମନ୍ତ୍ରିମଣ୍ଡଳର ସଦସ୍ୟ ପରବେଶ ସାହିବ ସିଂହ ଗୃହରେ ଏକ ପ୍ରସ୍ତାବ ଆଗତ କରିଥିଲେ । ବାଚନିକ ଭୋଟ୍‌ରେ ଏହି ପ୍ରସ୍ତାବ ଗୃହିତ ହୋଇଥିଲା ।

ସୂଚନା ଯୋଗ୍ୟ ଉପରାଜ୍ୟପାଳଙ୍କ ସମ୍ବୋଧନ ସମୟରେ  ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ କାର୍ଯ୍ୟାଳୟରୁ ଡକ୍ଟର ବି.ଆର୍. ଆମ୍ବେଦକର ଏବଂ ଭଗତ ସିଂହଙ୍କ ଫଟୋ ପ୍ରତ୍ୟାହାର କରାଯିବା ନେଇ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ । ଅନ୍ୟ ପକ୍ଷରେ ଏଭଳି ଅଭିଯୋଗକୁ ଶାସକ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି । ବାଚସ୍ପତି ବିଜେନ୍ଦର ଗୁପ୍ତା ଶୃଙ୍ଖଳା ରକ୍ଷା ପାଇଁ  ସଦସ୍ୟମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । କିନ୍ତୁ ବିରୋଧୀ ସଦସ୍ୟମାନେ ଏହାକୁ ଅଣଦେଖା କରି ଆନ୍ଦୋଳନ ଜାରି ରଖିଥିଲେ । ଏହାପରେ ବାଚସ୍ପତି ଗୃହରେ ଅଶାଳୀନ ଆଚରଣ ନେଇ ଆପ୍‌ର ବିଧାୟକମାନଙ୍କ ପାଇଁ ନିଲମ୍ବନ ଘୋଷଣା କରିଥିଲେ ।

ଅନ୍ୟ ପକ୍ଷରେ ଉପରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି, ଦିଲ୍ଲୀ ସରକାର ବିକଶିତ ଦିଲ୍ଲୀ ସଂକଳ୍ପପତ୍ରରେ ଦିଆଯାଇଥିବା ସମସ୍ତ

ପ୍ରତିଶ୍ରୁତିକୁ ନିଶ୍ଚୟ ପୂରଣ କରିବ । ଦୁର୍ନୀତିମୁକ୍ତ ଶାସନ, ମହିଳା ସଶକ୍ତିକରଣ, ସ୍ୱଚ୍ଛ ଦିଲ୍ଲୀ, ଜମୁନା ପୁନରୁଦ୍ଧାର, ବିଶୁଦ୍ଧ ପାନୀୟ ଜଳ ନୂଆ ସରକାରଙ୍କ ମୁଖ୍ୟ କାର୍ଯ୍ୟ କ୍ଷେତ୍ର ରହିବ ବୋଲି ସେ କହିଥିଲେ ।

ଆମ ସମ୍ବାଦଦାତା ଦେଇଥିବା ରିପୋର୍ଟ ଅନୁଯାୟୀ ଆପ୍ ବିଧାୟକମାନେ ନିଲମ୍ବନ ନିଷ୍ପତ୍ତିକୁ ବିରୋଧ କରି ବିଧାନସଭା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦିଲ୍ଲୀ ବିଧାନସଭା ଅଧିବେଶନକୁ ଆଉ ୨ ଦିନ ବୃଦ୍ଧି କରାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଜେପିସି-ଓ୍ୱାନ୍ ନେସନ୍ ଓ୍ୱାନ୍ ଇଲେକ୍‌ସନ୍

ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟି ବୈଠକ ଆଜି ନୂଆଦିଲ୍ଲୀ ସଂସଦ ଭବନରେ ଅନୁଷ୍ଠିତ ହୋଇଛି । ଏହି ପ୍ରସଙ୍ଗ ନେଇ ବୈଠକରେ ଆଇନ୍ ବିଶେଷଜ୍ଞଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି । ୩୯ ଜଣିଆ ଏହି କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି ।

## ସଜ୍ଜନ୍ କୁମାର

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ୍ କୁମାରଙ୍କୁ ଆଜୀବନ କାରାଦଣ୍ଡରେ

ଦଣ୍ଡିତ କରିଛନ୍ତି । ୧୯୮୪ ନଭେମ୍ବର ପହିଲାରେ ଯଶବନ୍ତ ସିଂହ ଏବଂ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ବିଚାର କରି ସ୍ୱତନ୍ତ୍ର ବିଚାରପତି କାବେରୀ ବାଭେଜା ଏହି ରାୟ ଶୁଣାଇଛନ୍ତି । ଅନ୍ୟ ପକ୍ଷରେ ସଜ୍ଜନ୍ କୁମାରଙ୍କୁ ଅଧିକ ଦଣ୍ଡ ଦେବାକୁ ପୀଡ଼ିତଙ୍କ ପରିବାର ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ।

ସୂଚନା ଯୋଗ୍ୟ ଅନ୍ୟ ଏକ ଦଙ୍ଗା ଜନିତ ହତ୍ୟା ମାମଲାରେ ସଜ୍ଜନ କୁମାର ଆଜୀବନ କାରାଦଣ୍ଡ ଭୋଗୁଛନ୍ତି ଏବଂ ଏହା ବିରୁଦ୍ଧରେ ତାଙ୍କର ଆବେଦନ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି ।

# ବାଂଲାଦେଶ-ଲିଡର

ବାଂଲାଦେଶର ମଧ୍ୟମବର୍ତ୍ତୀକାଳିନ ସରକାରଙ୍କ ସୂଚନା ଓ ପ୍ରସାରଣ ଉପଦେଷ୍ଟା ପଦବୀରୁ ଛାତ୍ର ନେତା ନାହିଦ୍ ଇସଲାମ୍ ଇସ୍ତଫା ପ୍ରଦାନ କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଏକ ନୂତନ ରାଜନୈତିକ ଦଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ଇସ୍ତଫା ପ୍ରଦାନ କରିଛନ୍ତି ବୋଲି ଛାତ୍ର ନେତା ଇସଲାମ୍ ସୂଚନା ଦେଇଛନ୍ତି । ନାହିଦ୍ ଇସଲାମ୍ ମଧ୍ୟବର୍ତ୍ତୀକାଳିନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଡକ୍ଟର ମହମ୍ମଦ ୟୁନୁସ୍‌ଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ।

ସୂଚନା ଯୋଗ୍ୟ ଢାକା ବିଶ୍ୱବିଦ୍ୟାଳୟରେ ପୂର୍ବତନ ଛାତ୍ର ତଥା ବାଂଲାଦେଶରେ ଛାତ୍ର ଜନବିଦ୍ରୋହର ଇସଲାମ୍ ନେତୃତ୍ୱ ନେଇଥିଲେ । ଏହାର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ । ଗତବର୍ଷ ଅଗଷ୍ଟ ୫ ତାରିଖରେ ହାସିନା ସରକାରଙ୍କ ପତନ ପରେ ୯ ତାରିଖରେ ମଧ୍ୟବର୍ତ୍ତୀକାଳିନ ସରକାରଙ୍କ ପରାମର୍ଶଦାତା ଭାବେ ସେ ଶପଥ ଗ୍ରହଣ କରିଥିଲେ ।

## ଆଇସିସି-ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ମୁକାବିଲା ବାତିଲ ହୋଇଛି । ରାୱଲପିଣ୍ଡି ଠାରେ ଖେଳାଯିବାକୁ ଥିବା ଗ୍ରୁପ୍-ବି ପର୍ଯ୍ୟାୟର ଏହି ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରିନାହିଁ । ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି । ଆସନ୍ତାକାଲି ଇଂଲଣ୍ଡ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏଥିରେ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ।

ସୂଚନା ଯୋଗ୍ୟ ଦକ୍ଷିଣ ଆଫ୍ରିକା ପୂର୍ବରୁ ଆଫ୍‌ଗାନିସ୍ତାନ ବିରୁଦ୍ଧରେ ୧୦୭ରନ୍‌ରେ ବିଜୟ ହାସଲ କରିଥିବା ବେଳେ  ଏବଂ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା ।

# ୱିମେନ୍ସ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ବେଙ୍ଗାଲୁରୁର ଏମ୍. ଚିନାସ୍ୱାମୀ ଷ୍ଟାଡିୟମରେ ଗୁଜରାଟ ଜାଏଣ୍ଟସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍ ରାତି ୭ଟା ୩୦ ମିନିଟରେ ଅନୁଷ୍ଠିତ ହେବ । ଚଳିତ ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଖେଳିଥିବା ୪ଟି ମ୍ୟାଚ୍ ମଧ୍ୟରୁ ୨ଟି ମ୍ୟାଚ୍‌ରେ ଜିତିଥିବା ବେଳେ ଅନ୍ୟ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ଗୁଜରାଟ ଜ୍ୟାଏଣ୍ଟ୍‌ସ ୩ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ମ୍ୟାଚ୍ ଜିତିପାରିଛି ।